ଘିଭରଗିଜ ମାଥ୍ୟୁ ଇତ୍ୟାଦି

ବନାମ

କେରଳ ରାଜ୍ୟ ଏବଂ ଅନ୍ୟଜଣେ ଇତ୍ୟାଦି

17 ସେପ୍ଟେମ୍ବର, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ ]

*ଜମି ଅଧିଗ୍ରହଣ ଅଧିନିୟମ, 1894 :*

*କ୍ଷତିପୂରଣ – ଅଧିନିର୍ଣ୍ଣୟ – ବୃଦ୍ଧି ପାଇଁ ଦାବିଦାରଙ୍କ ଦ୍ୱାରା କରାଯାଇଥିବା ଅପିଲ – ଉଚ୍ଚ ନ୍ୟାୟାଳୟ ସେଣ୍ଟ ପିଛା 1000 ଟଙ୍କା କ୍ଷତିପୂରଣ ମଞ୍ଜୁର କରିଛନ୍ତି – ଅତିରିକ୍ତ ବୃଦ୍ଧି ପାଇଁ ଦାବିଦାରଙ୍କ ଅପିଲ ଉପରେ ଦର୍ଶାଯାଇଛି : ଅଧିସୂଚନା ପ୍ରକାଶ ପାଇବାର ଦଶ ମାସ ପୂର୍ବରୁ, ଦାବିଦାରମାନେ କ୍ଷତିପୂରଣ ସେଣ୍ଟ ପିଛା 350 ଟଙ୍କା ଆକଳନ କରିଥିଲେ ଏବଂ ସେହି ହାରରେ ବିକ୍ରି କରିବାକୁ ପ୍ରସ୍ତାବ ଦେଇଥିଲେ – ଉଚ୍ଚ ନ୍ୟାୟାଳୟ କ୍ଷତିପୂରଣ ବାବଦକୁ ସେଣ୍ଟ ପିଛା 1000 ଟଙ୍କା ଅଧିନିର୍ଣ୍ଣିତ କରିଥିଲେ ଯାହା ଦାବିଦାରମାନେ ନିଜେ ଦେଇଥିବା ପ୍ରସ୍ତାବଠାରୁ ତିନିଗୁଣ ଅଧିକ ଅଟେ – କ୍ଷତିପୂରଣ ଆହୁରି ବୃଦ୍ଧି କରିବା ପାଇଁ କୌଣସି ହସ୍ତକ୍ଷେପ ଆବଶ୍ୟକ ନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 4123/1991

ଏଲ୍. ଏ. ଏ. ସଂଖ୍ୟା 270/1985 ରେ କେରଳ ଉଚ୍ଚ ନ୍ୟାୟାଳୟର 17.9.90 ତାରିଖର ରାୟ ଏବଂ ଆଦେଶରୁ ।

ଦେୱାନୀ ଅପିଲ ସଂଖ୍ୟା 4124/91 ଏବଂ 11812/95 ସହିତ ।

ଅପିଲକାରୀଙ୍କ ପାଇଁ ଟି. ଏଲ୍. ଭି. ଅୟର, ରମେଶ ବାବୁ, ଏମ୍. ଆର୍. ବି. ଭି. ଦୀପକ, ଏମ୍. ଟି. ଜର୍ଜ ଏବଂ ସୁଶ୍ରୀ ମାଲିନୀ ପୋଦୁଭାଲ (ଏନ୍. ପି.) ।

ଉତ୍ତରଦାତାମାନଙ୍କ ପାଇଁ ଜି. ବିଶ୍ୱନାଥ ଅୟର, ଟି. ଜି. ଏନ୍. ନାୟାର ଏବଂ ଶାକିଲ ଅହମ୍ମଦ ସୟଦ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

କେରଳ ଜମି ଅଧିଗ୍ରହଣ ଅଧିନିୟମ, 1950 ର ଧାରା 3 (1) ଅନୁଯାୟୀ ଅଧିସୂଚନା, ଯାହା ଜମି ଅଧିଗ୍ରହଣ ଅଧିନିୟମ (1894 ର 1) ର ଧାରା 4 (1) ସହିତ ସମାନ, 8 ଜୁଲାଇ,1980 ରେ ପ୍ରକାଶିତ ହୋଇଥିଲା, ଯେଉଁଥିରେ ସାର୍ବଜନୀନ ଉଦ୍ଦେଶ୍ୟରେ, ଯଥା, ଗ୍ରେଟର କୋଚିନ୍ ଡେଭଲପମେଣ୍ଟ ଅଥରିଟି, ଆଲୁୱା ନିର୍ମାଣ ସ୍ଥଳ ଏବଂ ସେବା ଯୋଜନା ଉଦ୍ଦେଶ୍ୟରେ 3.37 ହେକ୍ଟର ଜମି ଅଧିଗ୍ରହଣ କରିଥିଲା । ଜମି ଅଧିଗ୍ରହଣ ଅଧିକାରୀ 1982 ମସିହା

ମାର୍ଚ୍ଚ 19 ତାରିଖରେ ତାଙ୍କ ଅଧିନିର୍ଣ୍ଣୟରେ କ୍ଷତିପୂରଣ ବାବଦକୁ ଅପିଲକାରୀଙ୍କ ଦ୍ୱାରା ଦାବି କରାଯାଇଥିବା ସେଣ୍ଟ୍ ପିଛା 2000 ଟଙ୍କା ତୁଳନାରେ ସେଣ୍ଟ୍ ପିଛା 280 ଟଙ୍କା ଧାର୍ଯ୍ୟ କରିଥିଲେ । ସନ୍ଦର୍ଭରେ, ଦେୱାନୀ ନ୍ୟାୟାଳୟ 7 ଅଗଷ୍ଟ, 1984 ତାରିଖର ଏହାର ଅଧିନିର୍ଣ୍ଣୟ ଏବଂ ଫଏସଲା ଦ୍ୱାରା କ୍ଷତିପୂରଣକୁ ସେଣ୍ଟ୍ ପିଛା 1800 ଟଙ୍କାକୁ ବୃଦ୍ଧି କରିଥିଲେ । ରାଜ୍ୟ ପରବର୍ତ୍ତୀ ଅପିଲ କରିବାରୁ, ଉଚ୍ଚ ନ୍ୟାୟାଳୟ କ୍ଷତିପୂରଣକୁ ସେଣ୍ଟ୍ ପିଛା 1000 ଟଙ୍କାକୁ ହ୍ରାସ କରିଥିଲେ । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ।

ଅପିଲକାରୀଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ଟି. ଏଲ୍. ଭି. ଅୟର ଯୁକ୍ତି କରିଛନ୍ତି ଯେ, ଇଏକ୍ସ. A-6 ରୁ A-B ଅଧୀନରେ ଥିବା ଜମି ଯାହା 60 ସେଣ୍ଟ୍ ଏବଂ 40 ସେଣ୍ଟ୍ ମଧ୍ୟରେ ଅଟେ ତାହା ଯଥାକ୍ରମେ 31 ମାର୍ଚ୍ଚ, 1976, 13 ଏପ୍ରିଲ, 1976 ଏବଂ 21 ଏପ୍ରିଲ, 1976 ରେ ସେଣ୍ଟ୍ ପିଛା 800 ଟଙ୍କାରେ ବିକ୍ରି ହୋଇଥିଲା । ଇଏକ୍ସ. A-3 ରୁ A-5 ଅଧିସୂଚନା ତାରିଖ ପର୍ଯ୍ୟନ୍ତ ମୂଲ୍ୟରେ ତୀବ୍ର ବୃଦ୍ଧିକୁ ସୂଚିତ କରେ । ଏପରିକି ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଆର୍. ଡବ୍ଲ୍ୟୁ. 2 ମଧ୍ୟ ଏ ବିଷୟରେ କହିଥିଲେ । ଅଧିଗ୍ରହଣ କରାଯାଇଥିବା ଜମି ଉଭୟ ପାର୍ଶ୍ୱରେ ଥିବା ଦୁଇଟି ରାସ୍ତାକୁ ସଂଲଗ୍ନ କରୁଛି । ବିକଶିତ ଅଞ୍ଚଳଟି ଅଧିଗ୍ରହଣ କରାଯାଇଥିବା ଜମି ନିକଟରେ ଅବସ୍ଥିତ । ଧାରା 18 ଅନୁଯାୟୀ ବିଚାରର୍ଥ ପ୍ରେରଣ ନିର୍ଦ୍ଧାରିତ କରିବାବେଳେ ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟ ଏହି ତଥ୍ୟଗୁଡ଼ିକୁ ଯଥାର୍ଥ ଭାବରେ ଧ୍ୟାନରେ   ରଖିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ପ୍ରାସଙ୍ଗିକ ତଥ୍ୟଗୁଡ଼ିକୁ ଗ୍ରହଣ କରିନଥିଲେ, କିନ୍ତୁ ଇଏକ୍ସ. A-6 ରୁ A- 8ଗୁଡ଼ିକୁ ବିଚାରକୁ ନେଇଥିଲେ ଏବଂ ଏହା ଦର୍ଶାଇଥିଲେ ଯେ, 1000 ଟଙ୍କାର କ୍ଷତିପୂରଣ ନ୍ୟାୟସଙ୍ଗତ କ୍ଷତିପୂରଣ ହେବ । ଯଦି ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟର ସିଦ୍ଧାନ୍ତ ବ୍ୟର୍ଥ ବୋଲି ଜଣାପଡ଼ିନଥାନ୍ତା, ତେବେ ଉଚ୍ଚ ନ୍ୟାୟାଳୟ ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟର ଅଧିନିର୍ଣ୍ଣୟରେ ହସ୍ତକ୍ଷେପ କରିନଥାନ୍ତେ । ଉତ୍ତରଦାତାଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ଜି. ବିଶ୍ୱନାଥ ଅୟର ଏକ ଦସ୍ତାବିଜ ଉପରେ ନିର୍ଭରଶୀଳ ଥିଲେ, ଯାହା ଦାବିଦାରମାନଙ୍କ ଦ୍ୱାରା ସମ୍ବୋଧିତ ଏକ ଚିଠି ଯେଉଁଥିରେ ସେମାନେ 15 ଅକ୍ଟୋବର 1979 ରେ ଜିସିଡିଏକୁ ସେଣ୍ଟ୍ ପିଛା 350 ଟଙ୍କାରେ ସମ୍ପତ୍ତି ବିକ୍ରି କରିବାକୁ ରାଜି ହୋଇଥିଲେ । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି, ଏହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅଧିନିର୍ଣ୍ଣିତ କ୍ଷତିପୂରଣ ଠାରୁ ଅଧିକ କ୍ଷତିପୂରଣ ଆବଶ୍ୟକ କରେ ନାହିଁ ।

ସମ୍ପୃକ୍ତ ଯୁକ୍ତିଗୁଡ଼ିକୁ ଧ୍ୟାନରେ ରଖି, ବିଚାର ପାଇଁ ଉତ୍ପନ୍ନ ହେଉଥିବା ପ୍ରଶ୍ନଟି ହେଉଛି : ଉଚିତ କ୍ଷତିପୂରଣ କେତେ ହେବ ଯାହା ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜମି ଗ୍ରହଣ କରିବାକୁ ସକ୍ଷମ ହେବ ? ଏହା ଦେଖିବାକୁ ମିଳିଛି ଯେ, ଇଏକ୍ସ. A- 3 ରୁ A- 5 କୌଣସି ତୁଳନାତ୍ମକ ମୂଲ୍ୟ ପ୍ରଦାନ କରେ ନାହିଁ । ଶ୍ରୀ ବିଶ୍ୱନାଥ ଅୟରଙ୍କ କହିବା ଅନୁଯାୟୀ, ସେମାନେ ମୂଲ୍ୟ ବୃଦ୍ଧିର କେବଳ ଏକ ସାକ୍ଷ୍ୟ ପ୍ରଦାନ କରିଛନ୍ତି । ଏହା ଦେଖିବାକୁ ମିଳିଛି ଯେ, ଇଏକ୍ସ. A- 6 ରୁ A- 8 ଅଧୀନରେ ଥିବା ଜମି ମଧ୍ୟ ସାଧାରଣ ସଂସ୍ଥା ଦ୍ୱାରା ବ୍ୟକ୍ତି, ଭାଇ ଓ ଭଉଣୀଙ୍କଠାରୁ କିଣାଯାଇଥିଲା, ଯାହା ଉନ୍ନତ ଉପଯୋଗ ପାଇଁ ସେମାନଙ୍କ ଅନୁଷ୍ଠାନ ସହିତ ସଂଲଗ୍ନ ଥିଲା । ସେହି ପରିସ୍ଥିତିରେ, ସେଗୁଡ଼ିକ ସ୍ୱୟଂଚାଳିତ ଭାବରେ ପ୍ରଶ୍ନରେ ଥିବା ଜମି ପାଇଁ ତୁଳନାତ୍ମକ ବିକ୍ରୟ ଭାବରେ ପ୍ରଦାନ କରାଯାଇପାରିବ ନାହିଁ । ସ୍ୱୀକାରଯୋଗ୍ୟ, ଏହି ଜମିଗୁଡ଼ିକ ଅଧିସୂଚନା ତାରିଖ ଦିନ ଆଲୁୱା ନଗରପାଳିକା ସୀମା ବାହାରେ ଅବସ୍ଥିତ ।

ଉଚ୍ଚ ନ୍ୟାୟାଳୟ ତଥ୍ୟ ଏବଂ ପରିସ୍ଥିତିର ସମୁଦାୟକୁ ବିଚାର କରି ଅପିଲକାରୀଙ୍କ ଦ୍ୱାରା ଦାବି କରାଯାଇଥିବା ସେଣ୍ଟ୍ ପିଛା 2000 ଟଙ୍କା ତୁଳନାରେ କ୍ଷତିପୂରଣକୁ ସେଣ୍ଟ୍ ପିଛା 1000 ଟଙ୍କାକୁ ହ୍ରାସ କରିଛନ୍ତି । ଏହା ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ମଞ୍ଜୁର କରାଯାଇଥିବା ପରିମାଣଠାରୁ 4-1/2 ଗୁଣ ଅଧିକ ଅଟେ । ରାଜ୍ୟ କୌଣସି ଅପିଲ ଦାଖଲ କରିନଥିଲେ ।

ଅପିଲକାରୀମାନେ ନିଜେ 15 ଅକ୍ଟୋବର, 1979ରେ, ଅର୍ଥାତ୍ ଅଧିସୂଚନା ତାରିଖର 10 ମାସ ପୂର୍ବରୁ ସମ୍ବୋଧିତ କରିଥିବା ଚିଠିରୁ ଏହା ଦେଖାଯାଏ ଯେ, ସେମାନେ କ୍ଷତିପୂରଣ ମୂଲ୍ୟ ସେଣ୍ଟ୍ ପିଛା 350 ଟଙ୍କା ଆକଳନ କରିଥିଲେ ଏବଂ ସେହି ହାରରେ ଏହାକୁ ବିକ୍ରି କରିବାକୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ଧାରା 11 ର ଉପଧାରା (2) ଅନୁଯାୟୀ ପରିକଳ୍ପିତ କୌଣସି ଚୁକ୍ତିନାମା ନିଷ୍ପାଦିତ ହୋଇନଥିବାରୁ, ଏହି ସ୍ୱୀକାର କ୍ଷତିପୂରଣରେ ଆଉ କୌଣସି ଅତିରିକ୍ତ ବୃଦ୍ଧି ଦାବି କରିବା ସ୍ପଷ୍ଟ କରେ । ଉଚ୍ଚ ନ୍ୟାୟାଳୟ ପାଇଁ, ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟର ରାୟକୁ ଓଲଟାଇବା ପୂର୍ବରୁ, ଏହି ଉପସଂହାରରେ ପହଞ୍ଚିବା ଆବଶ୍ୟକ ନଥିଲା ଯେ, ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟର ଅଧିନିର୍ଣ୍ଣୟ ଏବଂ ରାୟ ବିକୃତ କିମ୍ବା ସମ୍ପୂର୍ଣ୍ଣ ଭାବେ ପୋଷଣୀୟ ନଥିଲା । କ୍ଷତିପୂରଣର ମୂଲ୍ୟାଙ୍କନ କରିବା ପାଇଁ ଏବଂ ଖୋଲା ବଜାରରେ ଜମିଗୁଡ଼ିକ କେତେ ଯୁକ୍ତିସଙ୍ଗତ ବଜାର ମୂଲ୍ୟ ହାସଲ କରିବାକୁ ସକ୍ଷମ ତାହା ଜାଣିବା ପାଇଁ ଏହି ନ୍ୟାୟାଳୟ ଦ୍ୱାରା ସ୍ଥିର କରାଯାଇଥିବା ପରୀକ୍ଷଣ ଏବଂ ଆଇନର ନୀତିକୁ ପ୍ରୟୋଗ କରି ସମ୍ପୂର୍ଣ୍ଣ ସାକ୍ଷ୍ୟ ଉପରେ ବିଚାର କରିବା ନ୍ୟାୟାଳୟର ବାଧ୍ୟତାମୂଳକ କର୍ତ୍ତବ୍ୟ ଅଟେ । ଏହା ଉଚ୍ଚ ନ୍ୟାୟାଳୟର ଆକଳନ ଯେ, ଯୁକ୍ତିଯୁକ୍ତ କ୍ଷତିପୂରଣ ହେଉଛି ସେଣ୍ଟ୍ ପିଛା 1000 ଟଙ୍କା, ଯାହା ଦାବିଦାରମାନେ ନିଜେ ଦେଇଥିବା ପ୍ରସ୍ତାବଠାରୁ ତିନିଗୁଣ ଅଧିକ ଅଟେ । ଏଭଳି ପରିସ୍ଥିତିରେ, ଆମେ ଭାବୁନାହୁଁ ଯେ, ଏହି ମାମଲାଗୁଡ଼ିକ କ୍ଷତିପୂରଣ ଅତିରିକ୍ତ ବୃଦ୍ଧି କରିବା ପାଇଁ ହସ୍ତକ୍ଷେପ ଆବଶ୍ୟକ କରେ ।

ଅପିଲଗୁଡ଼ିକ ଖାରଜ କରାଗଲା, କିନ୍ତୁ ବିନା ଖର୍ଚ୍ଚରେ ।

ଜି. ଏନ୍. ଅପିଲକୁ ଖାରଜ କରାଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା

ଶିବାନୀ ଦାଶ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ